रेजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡି-221

सत्यमेव जयते

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII— ଖଣ୍ଡ I

प्राधिकार से प्रकाशित
PUBLISHED BY AUTHORITY
ପ୍ରାଧିକାର ଦ୍ଵାରା ପ୍ରକାଶିତ

राजभाषा खण्ड
विधायी विभाग
विधायी II अनुभाग
डा० सं० 277/91
तारीख 5/9/91

| | | | | | | |
|---|---|---|---|---|---|---|
| No 1, | NEW DELHI, | TUESDAY, | MAY 8, | 1990/BAISAKH 18, | 1912 (SAKA) | VOL I |
| ସଂ. 1, | ନୂଆଦିଲ୍ଲୀ, | ମଙ୍ଗଳବାର, | ମଇ 8, | 1990/ବୈଶାଖ 18, | 1912 (ଶକ) | ଗ୍ରନ୍ଥଖଣ୍ଡ 1 |

## MINISTRY OF LAW AND JUSTICE

### (Legislative Department)

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ବଧି ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜୁଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ଶନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡ଼େସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ଓ୍ୱାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡ଼େସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କଚ୍ଛିମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଳ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡ଼େସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍‌ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍‌ୟାବିଲ୍‌ଟିଜ୍) ଏକ୍ଟ, 1928 (15) ଦି ଗୁଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ୍ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍‌ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍‌ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ୍ ଓୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ବାଲ୍ୟ ବିବାହ ଅବରୋଧ ଅଧିନିୟମ, 1929

## 1929ର ଅଧିନିୟମ ସଂ 19

### ବାଲ୍ୟ ବିବାହର ଯଥାରୀତି ଅନୁଷ୍ଠାନକୁ ଅବରୋଧ କରିବା ପାଇଁ ଏକ ଅଧିନିୟମ

[1 ଅକ୍ଟୋବର, 1929]

ଯେହେତୁ ବାଲ୍ୟ ବିବାହର ଯଥାରୀତି ଅନୁଷ୍ଠାନକୁ ଅବରୋଧ କରିବା ସମୀଚୀନ ଅଟେ; ତେଣୁ ଏତଦ୍ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା:—

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।

**1.** (1) ଏହି ଅଧିନିୟମ ବାଲ୍ୟ ବିବାହ ଅବରୋଧ ଅଧିନିୟମ, 1929 ନାମରେ ଅଭିହିତ ହେବ ।

(2) ଏହା ଜମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ସମଗ୍ର ଭାରତରେ ବିସ୍ତୃତ, ଏବଂ ଏହା ଭାରତ ବାହାରେ ଥିବା ସମସ୍ତ ଭାରତୀୟ ନାଗରିକଙ୍କ ପ୍ରତି ମଧ୍ୟ ପ୍ରଯୋଜ୍ୟ ।

(3) ଏହା 1 ଅପ୍ରେଲ, 1930 ରେ ପ୍ରବୃତ୍ତ ହେବ ।

ସଂଜ୍ଞା

**2.** ବିଷୟ ବା ପ୍ରସଙ୍ଗରେ କିଛି ବିରୋଧ ନଥିଲେ ଏହି ଅଧିନିୟମରେ:—

(କ) "ବାଳ" ଅର୍ଥ କୌଣସି ବ୍ୟକ୍ତି ଯାହାଙ୍କ ବୟସ, ପୁରୁଷ ହୋଇଥିଲେ ଏକୋଇଶ ବର୍ଷ ଓ ମହିଳା ହୋଇଥିଲେ ଅଠର ବର୍ଷ ପୂରିନଥିବ,

(ଖ) "ବାଲ୍ୟ ବିବାହ" ଅର୍ଥ କୌଣସି ବିବାହ ଯହିଁରେ କୌଣସି ଚୁକ୍ତିକାରୀ ପକ୍ଷ ଜଣେ ବାଳ ହୋଇଥିବେ,

(ଗ) ବିବାହର "ଚୁକ୍ତିକାରୀ ପକ୍ଷ" ଅର୍ଥ ଯେଉଁ ପାତ୍ରପାତ୍ରୀଙ୍କର ବିବାହ ଯଥାରୀତି ଅନୁଷ୍ଠିତ ହୋଇଥାଏ ବା ହେବାକୁ ଥାଏ ସେହି ପକ୍ଷମାନଙ୍କ ମଧ୍ୟରୁ ଜଣେ, ଓ

(ଘ) "ଅପ୍ରାପ୍ତ ବୟସ୍କ" ଅର୍ଥ ଅଠର ବର୍ଷରୁ ଊଣା ବୟସର ହୋଇଥିବା କୌଣସି ପୁରୁଷ ବା ସ୍ତ୍ରୀ ।

ବାଲ୍ୟ ବିବାହ କରିଥିବା ଏକୋଇଶ ବର୍ଷରୁ ଊଣା ବୟସର ପ୍ରାପ୍ତ-ବୟସ୍କ ପୁରୁଷ ନିମିତ୍ତ ଦଣ୍ଡ ।

**3.** ଅଠର ବର୍ଷରୁ ବେଶି ଓ ଏକୋଇଶ ବର୍ଷରୁ ଊଣା ବୟସର ଯେଉଁ ପୁରୁଷ ଏକ ବାଲ୍ୟ ବିବାହ କରିବାକୁ ଚୁକ୍ତି କରନ୍ତି ସେ ପନ୍ଦର ଦିନ ପର୍ଯ୍ୟନ୍ତ ସଶ୍ରମ କାରାବାସରେ ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ କିମ୍ବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ ।

ବାଲ୍ୟ ବିବାହ କରିଥିବା ଏକୋଇଶ ବର୍ଷରୁ ବେଶୀ ବୟସର ପ୍ରାପ୍ତ-ବୟସ୍କ ପୁରୁଷ ନିମିତ୍ତ ଦଣ୍ଡ ।

**4.** ଏକୋଇଶ ବର୍ଷରୁ ବେଶୀ ବୟସର ଯେଉଁ ପୁରୁଷ ଏକ ବାଲ୍ୟ ବିବାହ କରନ୍ତି ସେ ତିନିମାସ ପର୍ଯ୍ୟନ୍ତ ସଶ୍ରମ କାରାବାସରେ ଦଣ୍ଡନୀୟ ହେବେ ଓ ଜୋରିମାନା ଦେବାକୁ ମଧ୍ୟ ଦାୟୀ ହେବେ ।

ବାଲ୍ୟ ବିବାହ ଯଥାରୀତି ଅନୁଷ୍ଠିତ କରାଇବା ନିମିତ୍ତ ଦଣ୍ଡ ।

**5.** ଯେଉଁ ବ୍ୟକ୍ତି କୌଣସି ବାଲ୍ୟ ବିବାହ ସଂପାଦନ କରନ୍ତି ବା ଚଳାନ୍ତି ବା ସେ ସଂପର୍କରେ ନିର୍ଦ୍ଦେଶ ଦିଅନ୍ତି, ସେ ଯଦି ପ୍ରମାଣିତ କରିପାରନ୍ତି ନାହିଁ ଯେ ସେହି ବିବାହ ବାଲ୍ୟ ବିବାହ ନୁହେଁ ବୋଲି ତାଙ୍କର ବିଶ୍ୱାସ କରିବାର କାରଣ ଥିଲା, ତାହାହେଲେ ସେ ତିନିମାସ ପର୍ଯ୍ୟନ୍ତ ସଶ୍ରମ କାରାବାସରେ ଦଣ୍ଡନୀୟ ହେବେ ଓ ଜୋରିମାନା ଦେବାକୁ ମଧ୍ୟ ଦାୟୀ ହେବେ ।

*ବାଲ୍ୟ ବିବାହରେ ସଂପୃକ୍ତ ପିତାମାତା କିମ୍ବା ଅଭିଭାବକ ନିମିତ୍ତ ଦଣ୍ଡ ।*

**6.** (1) ଯେଉଁଠାରେ ଜଣେ ଅପ୍ରାପ୍ତବୟସ୍କ ଏକ ବାଲ୍ୟ ବିବାହ କରନ୍ତି ସେଠାରେ ପିତାମାତା କିମ୍ବା ଅଭିଭାବକ ଭାବରେ କିମ୍ବା ଅନ୍ୟ କୌଣସି ବିଧିସମ୍ମତ ବା ବିଧିବିରୁଦ୍ଧ କ୍ଷମତାରେ ସେହି ଅପ୍ରାପ୍ତ ବୟସ୍କଙ୍କ ଦାୟିତ୍ୱ ଗ୍ରହଣ କରିଥିବା ଯେଉଁ ବ୍ୟକ୍ତି ସେହି ବିବାହ କାର୍ଯ୍ୟ ବଢାଇବାରେ କୌଣସି କାର୍ଯ୍ୟ କରିଥାନ୍ତି କିମ୍ବା ତାହା ଯଥାରୀତି ଅନୁଷ୍ଠିତ ହେବା ଲାଗି ଅନୁମତି ଦେଇଥାନ୍ତି, କିମ୍ବା ତାହାର ଯଥାରୀତି ଅନୁଷ୍ଠାନକୁ ଅବହେଳାପୂର୍ବକ ନିବାରଣ କରିନଥାନ୍ତି ସେ ତିନିମାସ ପର୍ଯ୍ୟନ୍ତ ଅଶ୍ରମ କାରାବାସରେ ଦଣ୍ଡନୀୟ ହେବେ ଓ ଜୋରିମାନା ଦେବାକୁ ମଧ୍ୟ ଦାୟୀ ହେବେ :

ପରନ୍ତୁ କୌଣସି ନାରୀ କାରାବାସରେ ଦଣ୍ଡନୀୟ ହେବେ ନାହିଁ ।

(2) ଯେଉଁଠାରେ ଜଣେ ଅପ୍ରାପ୍ତ ବୟସ୍କ ଏକ ବାଲ୍ୟ ବିବାହ କରିଥାନ୍ତି ସେଠାରେ, ବିପରୀତ ପକ୍ଷ ପ୍ରମାଣିତ ନହେବା ପର୍ଯ୍ୟନ୍ତ ଏହି ଧାରାର ଉଦ୍ଦେଶ୍ୟ ପାଇଁ ଉପଧାରଣା କରାଯିବ ଯେ, ସେହି ଅପ୍ରାପ୍ତ ବୟସ୍କର ଦାୟିତ୍ୱ ଗ୍ରହଣ କରିଥିବା ବ୍ୟକ୍ତି, ସେହି ବିବାହର ଯଥାରୀତି ଅନୁଷ୍ଠାନକୁ ଅବହେଳାପୂର୍ବକ ନିବାରଣ କରି ନାହାନ୍ତି ।

*କେତେକ ଉଦ୍ଦେଶ୍ୟରେ ଅପରାଧଗୁଡ଼ିକ ସଂଜ୍ଞେୟ ହେବ ।*

**7.** (କ) ଏହି ଅଧିନିୟମ ଅଧୀନ ଅପରାଧଗୁଡ଼ିକର ଅନୁସନ୍ଧାନ ଉଦ୍ଦେଶ୍ୟରେ, ଏବଂ

(ଖ) (i) ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 42 ରେ ଉଲ୍ଲିଖିତ ବିଷୟ, ଏବଂ

(*ii*) ମାଜିଷ୍ଟ୍ରେଟଙ୍କ ଓ୍ୱାରେଣ୍ଟ ବା ଆଦେଶ ନଥାଇ କୌଣସି ବ୍ୟକ୍ତିଙ୍କ ଗିରଫଦାରି

ଛଡ଼ା ଅନ୍ୟ ବିଷୟ ଉଦ୍ଦେଶ୍ୟରେ—

ଏହି ଅଧିନିୟମ ଅଧୀନ ଅପରାଧଗୁଡ଼ିକ ପ୍ରତି ଦଣ୍ଡ ପ୍ରକ୍ରିୟା ସଂହିତା, 1973 ର ଉପବନ୍ଧମାନ ଏପରି ଲାଗୁହେବ ଯେତେ ଯେପରିକି ସେଗୁଡ଼ିକ ସଂଜ୍ଞେୟ ଅପରାଧ ଅଟେ ।

*ଏହି ଅଧିନିୟମ ଅନୁଯାୟୀ ଅଧିକାରିତା ।*

**8.** ଦଣ୍ଡ ପ୍ରକ୍ରିୟା ସଂହିତା, 1973 ର ଧାରା 190 ରେ ଯାହା କିଛି ଥାଉନା କାହିଁକି, ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ବା ପ୍ରଥମ ଶ୍ରେଣୀ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ନ୍ୟାୟାଳୟ ଛଡ଼ା ଅନ୍ୟ କୌଣସି ନ୍ୟାୟାଳୟ ଏହି ଅଧିନିୟମ ଅଧୀନ କୌଣସି ଅପରାଧକୁ ସଂଜ୍ଞାନ କରିବ ନାହିଁ ବା ବିଚାରଣ କରିବ ନାହିଁ ।

*ଅପରାଧକୁ ସଂଜ୍ଞାନ କରିବା ଢଙ୍ଗ ।*

**9.** ଯେଉଁ ତାରିଖରେ ଏହି ଅଧିନିୟମ ଅଧୀନ କୌଣସି ଅପରାଧ କରାଯାଇଛି ବୋଲି ଅଭିକଥିତ ହୋଇଥାଏ କୌଣସି ନ୍ୟାୟାଳୟ ସେହି ତାରିଖଠାରୁ ଏକ ବର୍ଷ ପୂରିବା ପରେ ସେହି ଅପରାଧକୁ ସଂଜ୍ଞାନ କରିବ ନାହିଁ ।

*ଅପରାଧର ପ୍ରାରମ୍ଭିକ ତଦନ୍ତ ।*

**10.** କୌଣସି ନ୍ୟାୟାଳୟ ଯେଉଁ ଅପରାଧକୁ ସଂଜ୍ଞାନ କରିବାକୁ ପ୍ରାଧିକୃତ ହୋଇଥାଏ ସେହି ଅପରାଧ ସମ୍ପର୍କରେ ଫରିଆଦ ପାଇଲେ, ଯଦି ଦଣ୍ଡ ପ୍ରକ୍ରିୟା ସଂହିତା, 1973 ର ଧାରା 203 ଅନୁଯାୟୀ ସେହି ଅଭିଯୋଗକୁ ଖାରଜ ନକରେ ତାହାହେଲେ, ସେହି ସଂହିତାର ଧାରା 202 ଅନୁଯାୟୀ ସ୍ୱୟଂ ନିଜେ ତଦନ୍ତ କରିବ କିମ୍ବା ତାହାର ଜଣେ ଅଧସ୍ତନ ମାଜିଷ୍ଟ୍ରେଟଙ୍କୁ ସେହି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇ ପାରିବ ।

**11.** ନିରସିତ ।

*ଏହି ଅଧିନିୟମର ଉଲ୍ଲଙ୍ଘନରେ ହୋଇଥିବା ବିବାହକୁ ନିଷିଦ୍ଧ କରି ଆଦେଶାଜ୍ଞା ଦେବାକୁ କ୍ଷମତା ।*

**12.** (1) ଏହି ଅଧିନିୟମରେ ଯାହାକିଛି ବିରୁଦ୍ଧାତ୍ମକ ଥାଉନା କାହିଁକି, ଯଦି ନ୍ୟାୟାଳୟ ନିକଟରେ ଫରିଆଦ ମାଧ୍ୟମରେ ଉପସ୍ଥାପିତ ତଥ୍ୟ ଉପରେ ବା ଅନ୍ୟଥା ନ୍ୟାୟାଳୟର ହୃଦ୍‌ବୋଧ ହୁଏ ଯେ ଏହି ଅଧିନିୟମର ଉଲ୍ଲଙ୍ଘନରେ ଏକ ବାଲ୍ୟ ବିବାହର ବ୍ୟବସ୍ଥା କରାଯାଇଛି ବା ଯଥାରୀତି ଅନୁଷ୍ଠିତ ହେବାକୁ ଯାଉଛି ତାହାହେଲେ ନ୍ୟାୟାଳୟ ସେହି ବିବାହକୁ ପ୍ରତିଷେଧ କରି ଏହି ଅଧିନିୟମର ଧାରା 3, 4, 5, ଓ 6 ରେ ବର୍ଣ୍ଣିତ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ଏକ ଆଦେଶାଜ୍ଞା ଦେଇ ପାରିବ ।

(2) ଉପଧାରା (1) ଅନୁଯାୟୀ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ଆଦେଶାଜ୍ଞା ଦିଆଯିବ ନାହିଁ ଯଦି ନ୍ୟାୟାଳୟ ପୂର୍ବରୁ ସେହି ବ୍ୟକ୍ତିଙ୍କୁ ସୂଚନା ଦେଇନଥାଏ ଏବଂ ଆଦେଶାଜ୍ଞା ଦିଆଯିବା ବିରୁଦ୍ଧରେ କାରଣ ଦର୍ଶାଇବାକୁ ସେହି ବ୍ୟକ୍ତିଙ୍କୁ ସୁଯୋଗ ଦେଇନଥାଏ ।

(3) ନ୍ୟାୟାଳୟ ସ୍ୱୟଂ ସ୍ୱୟଂ କିମ୍ବା କୌଣସି ବ୍ୟଥିତ ବ୍ୟକ୍ତିଙ୍କ ଦରଖାସ୍ତ କ୍ରମେ ଉପଧାରା (1) ଅନୁଯାୟୀ ଦିଆଯାଇଥିବା କୌଣସି ଆଦେଶକୁ ବିଖଣ୍ଡିତ ବା ପରିବର୍ତ୍ତିତ କରିପାରିବ ।

(4) ଯେଉଁଠାରେ ସେପରି ଏକ ଦରଖାସ୍ତ ମିଳିଥାଏ ସେଠାରେ ନ୍ୟାୟାଳୟ ଦରଖାସ୍ତକାରୀଙ୍କୁ ତାହା ନିକଟରେ ନିଜେ ବା ପ୍ଲିଡରଙ୍କ ଜରିଆରେ ଶୀଘ୍ର ହାଜର ହେବାକୁ ସୁଯୋଗ ଦେବେ, ଏବଂ ଯଦି ନ୍ୟାୟାଳୟ ଦରଖାସ୍ତକୁ ସଂପୂର୍ଣ୍ଣ ବା ଆଂଶିକଭାବରେ ଅଗ୍ରାହ୍ୟ କରନ୍ତି ତାହାହେଲେ ସେପରି କରିବାର କାରଣ ଅଭିଲିଖିତ କରିବେ ।

(5) ଯେଉଁ ବ୍ୟକ୍ତି ତାଙ୍କ ବିରୁଦ୍ଧରେ ଏହି ଧାରାର ଉପଧାରା (1) ଅନୁଯାୟୀ ଏକ ଆଦେଶାଜ୍ଞା ଦିଆଯାଇଛି ବୋଲି ଜାଣିକରି ସେହି ଆଦେଶାଜ୍ଞାକୁ ଅମାନ୍ୟ କରନ୍ତି ସେ ଛଅମାସ ପର୍ଯ୍ୟନ୍ତ ଯେ କୌଣସି ପ୍ରକାରର କାରାବାସରେ ବା ଏକହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ:

ପରନ୍ତୁ କୌଣସି ନାରୀ କାରାବାସରେ ଦଣ୍ଡନୀୟ ହେବେ ନାହିଁ ।